# କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗ (Downy mildew) ର ସମନ୍ୱୀତ ପରିଚାଳନା :-

କଖାରୁ ଜାତୀୟ ଫସଲ ଯଥା :- କଲରା, କାକୁଡ଼ି, କଖାରୁ ଓ ଜହ୍ନି ଆଦି ଫସଲରେ ଦେଖାଯାଉଥିବା ନିମ୍ନମୁଖୀ ପାଉଁଶିଆ ରୋଗ ଏକ କବକ ବା ଫିମ୍ପି ଜନିତ ରୋଗ । ଏହି ରୋଗଦ୍ୱାରା ଗଛ ଆକ୍ରାନ୍ତ ହେଲେ ପତ୍ରଗୁଡ଼ିକ ପାଚିଲା ପଡ଼ି ଝଡ଼ିପଡ଼େ । ତଳ ଭାଗରେ ଛୋଟ ପାଣି ପଚା ଦାଗ ଦେଖାଯାଏ । ଆକ୍ରାନ୍ତ ପାଚିଲା ପତ୍ରକୁ ଲକ୍ଷକଲେ ପତ୍ର ଉପରେ ଠିକିରି ପରି ତିନି କୋଣିଆ ବା ବହୁକୋଣିୟ ହଳଦୀଆ ଚିହ୍ନମାନ ଦେଖାଯାଏ ।

ଏହିରୋଗର ପରିଚାଳନା ପାଇଁ ପ୍ରଥମେ ପ୍ରତି କି.ଗ୍ରା. ବିହନକୁ ୨ ଗ୍ରାମ ଭିଟାଭାକ୍ସ ପାଓ୍ୱାର (କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫%) କିମ୍ୱା ୬ ଗ୍ରାମ ମେଟାଲାକ୍ସିଲ୍ ଫିମ୍ପି ନାଶକ ଦ୍ୱାରା ବିଶୋଧନ କରନ୍ତୁ ।

ଫସଲରେ ଏହି ରୋଗ ଦେଖାଗଲେ ଏକର ପ୍ରତି ମେଟିରାମ୍ ୫୫% + ପାଇରାକ୍ଲୋଷ୍ଟ୍ରୋବିନ୍ ୫% ଡ଼ବ୍ଲୁ.ଜି. ୪୦୦ଗ୍ରାମ କିମ୍ୱା ଆଜୋକ୍ସିଷ୍ଟ୍ରୋବିନ୍ ୪.୮% + କ୍ଲୋରାଥାଲୋନିଲ ୪୦% ଏସ୍.ସି. ୬୦୦ ମି.ଲି. କିମ୍ୱା ସାଇମୋକ୍ସାନିଲ୍ ୮% + ମାଙ୍କୋଜେବ ୬୪% ଡ଼ବ୍ଲୁ.ପି. ୪୦୦-୬୦୦ ଗ୍ରାମ କିମ୍ୱା ଆଜୋକ୍ସିଷ୍ଟ୍ରୋବିନ୍ ୧୧% + ଟେବୁକୋନାଜୋଲ ୧୮.୩% ଏସ୍.ସି. ୩୦୦ମି.ଲି. ଫିମ୍ପି ନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼**

**KRISHI VIGYAN KENDRA, NAYAGARH**

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR

AT-PANIPOILA, PO-BALUGAON, DIST- NAYAGARH, PIN- 752070